# ଠିକ୍ ଉତ୍ତର ବାଛ

**୧. ଅଣୁ ଜୀବଜଗତରେ.......................କୁ ପ୍ରହେଳିକା ଭାବେ ଗ୍ରହଣ କରାଯାଇଛି।**

(କ) ଆଦିପ୍ରାଣୀ (ଖ) କବକ (ଗ) ଭୂତାଣୁ (ଘ) ବୀଜାଣୁ

**୨. ପାଉଁରୁଟିରେ ହେଉଥିବା ଫିମ୍ପି ............. କେଉଁ ପ୍ରକାରର ଅଣୁଜୀବ ଅଟେ।**

(କ) ଆଦିପ୍ରାଣୀ (ଖ) କବକ (ଗ) ଭୂତାଣୁ (ଘ) ବୀଜାଣୁ

**୩. ..................... ଅଣୁଜୀବ ଦ୍ୱାରା ଖିର ଦହିରେ ପରିଣତ ହାଇଥାଏ।**

(କ) ମାଇକୋପ୍ଲାଜମ (ଖ)ଲାକ୍ଟୋବାସିଲସ

(ଗ) ବାସିଲସ ଆନଥ୍ରାସିସ (ଘ) ପାରାମେସିଯମ

**୪. ଭିନେଗାର ମଧ୍ୟରେ କେଉଁ ପ୍ରକାରର ଅମ୍ଳ ଥାଏ ?**

(କ) ସାଇଟ୍ରିକ ଏସିଡ (ଖ) ଏସିଇଟିସ ଏସିଡ

(ଗ) ନାଇଟ୍ରିକ ଏସିଡ (ଘ) ହାଇଡ୍ରାକଲାରିକ ଏସିଡ

**୫. ଲେମ୍ବୁର ଯାଦୁରା ରୋଗ ...................... ଅଣୁଜୀବ ଦ୍ୱାରା ହୁଏ।**

(କ) ଭୂତାଣୁ (ଖ) କବକ (ଗ) ଶୈବାଳ (ଘ) ବୀଜାଣୁ

୬. .............. ସଂକ୍ରମଣ ରୋଗର ସାଧାରଣ ବାହକ।

(କ) ପିମ୍ପୁଡି (ଖ) ମାଛି (ଗ) କଙ୍କି (ଘ) ବୁଢିଆଣୀ

**୭. ଶର୍କରା ଜାତିୟ ଖାଦ୍ୟକୁ ସୁରସାରରେ ପରିଣତ କରିବା ପ୍ରକ୍ରିୟାକୁ ............. କୁହାଯାଏ।**

(କ) ଯବକ୍ଷାରଜାନ ବିବନ୍ଧନ (ଖ) ପାଶ୍ଚରୀକରଣ

(ଗ) କିଣ୍ୱନ (ଘ) ସଂଚରଣ

**୮. ଜେଲିର ପରିରକ୍ଷଣ ପାଇଁ .......... ବ୍ୟବହାର କରାଯାଏ।**

(କ) ତେଲ (ଖ) ଲୁଣ (ଗ) ଚିନି (ଘ) ଭିନେଗାର

**୯. ଯବକ୍ଷାରଜାନ ବିବନ୍ଧରେ .............. ବୀଜାଣୁ ସାହାଯ୍ୟ କରେ।**

(କ) ରାଇଜୋବିଅମ (ଖ) ଲାକ୍ଟୋବାସିଲସ

(ଗ) ସ୍ପାଇରୋଗାଇରା (ଘ) ଇ - କୋଲି

**୧୦. ଭେଣ୍ଡିର ୟେଲୋ ଭେନ ମୋଜାଇକ ରୋଗର ପ୍ରସାର ........... ମାଧ୍ୟମରେ ହୁଏ।**

(କ) ମଞ୍ଜି (ଖ) ବାୟୁ (ଗ) କୀଟ (ଘ) ଜଳ

**୧୧. ପାଶ୍ଚରୀକାରଣ ପଦ୍ଧତିରେ କେତେ ଡିଗ୍ରୀ ତାପମାତ୍ରାରେ ଖିରକୁ ଗରମ କଲେ ତାହା ଜୀବାଣୁ ମୁକ୍ତ ହୁଏ ?**

(କ) ୫୦ (ଖ) ୭୦ (ଗ) ୮୦ (ଘ) ୬୦

**୧୨. କେଉଁ ମଶା ଦ୍ୱାରା ଡେଙ୍ଗୁ ଜ୍ୱର ହୁଏ ?**

(କ) ମାଈ ଏଡିସ (ଖ) ମାଈ ଏନୋଫିଲିସ
(ଗ)ମାଈ କୁଇଲେକସ (ଘ)କୌଣସିଟି ନୁହେଁ

**୧୩. କେଉଁଟି ସଂକ୍ରମିତ ରୋଗ ନୁହେଁ ?**

(କ)ହଇଜା (ଖ)ସର୍ଦ୍ଦି (ଗ)ଯକ୍ଷ୍ମା (ଘ)ଟାଇଫଏଡ

**୧୪. ଗହମରେ କଳଙ୍କି ରୋଗ କେଉଁ ପ୍ରକାର ଅନୁଜୀବମାନଙ୍କ ଦ୍ୱାରା ବ୍ୟାପିଥାଏ ?**

(କ)ବୀଜାଣୁ (ଖ)କବକ (ଗ)ଭୂତାଣୁ (ଘ) ଆଦିପ୍ରାଣୀ

**୧୫. ପେନିସିଲିନ .................... ଜାତିୟ ଅଣୁଜୀବରୁ ପ୍ରସ୍ତୁତ ହୁଏ ।**

(କ)ବୀଜାଣୁ (ଖ)କବକ (ଗ)ଭୂତାଣୁ (ଘ)ଆଦୀପ୍ରାଣୀ

**୧୬. ସାନ ପିଲାଙ୍କୁ ହଇଜା, ଯକ୍ଷ୍ମା, ବସନ୍ତ ରୋଗର ନିରାକରଣ ପାଇଁ ଟୀକା ଦିଆଯାଇଥାଏ । ଟୀକା ଶରୀରରେ ......... ଉତ୍ପନ୍ନ କରେ ।**

(କ)ଉପକାରୀ ଅଣୁଜୀବ (ଖ)ଅପକାରୀ ଅଣୁଜୀବ
(ଗ)ଜିବଘ୍ନ (ଘ)ପ୍ରତିପିଣ୍ଡ

**୧୭. ହାଡଫୁଟି ରୋଗ ................... ମାଧ୍ୟମରେ ବ୍ୟାପେ ।**

(କ)ଜଳ (ଖ)ଖାଦ୍ୟ (ଗ)ବାୟୁ (ଘ)ମଶା

**୧୮. କେଉଁଟି ଜିବଘ୍ନ ନୁହେଁ ।**

(କ)ଷ୍ଟ୍ରେପ୍ଟୋମାଇସିନ (ଖ)ଟେଟ୍ରାମାଇସିନ
(ଗ)ସୋଡିୟମ ବେନଜୋଏଟ (ଘ)ଏରିଥ୍ରୋମାଇସିନ

**୧୯. ଅଣୁଜୀବ ମାନଙ୍କୁ ଆମେ ................. ଯନ୍ତ୍ର ଦ୍ୱାରା ଦେଖୁ ।**

(କ)ମାଇକ୍ରୋସ୍କୋପ (ଖ)କାଲିଡୋସ୍କୋପ
(ଗ)ଟେଲିସ୍କୋପ (ଘ)ପେରିସ୍କୋପ

**୨୦. କେଉଁ ଶୈବାଳ ଯବକ୍ଷାରଯାନ ବୀବନ୍ଧନରେ ସାହାଯ୍ୟ କରେ ?**

(କ)ସ୍ପାଇରୋଗାଇରା (ଖ)କ୍ଲାମାଇଡୋମୋନାସ
(ଗ)ନିଳହରିତ (ଘ)ପତ୍ରହରିତ